بسم الله الرحمن الرحيم

୨୬ ମଈ ୨୦୨୩ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ୍

**ବିଶ୍ୱବ୍ୟାପୀ ଜମାଅତ ଅହେମଦିୟାରେ ପ୍ରତିଷ୍ଠିତ ଖିଲାଫତ୍ ବ୍ୟବସ୍ଥାର ଐଶ୍ୱରିକ ସମର୍ଥନ ପ୍ରତିପାଦିତ କରୁଥିବା କେତେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଆଲୋଚନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱ୍‌ର**[ଅ.ବ] **କହିଲେ; ଅଲ୍ଲାଃତାଲା ହଜରତ ମସିହ ମଉଦ** [ଅ.ସ]**ଙ୍କୁ ଯେତେବେଳେ ସୂଚନା ଦେଲେ ଯେ ଆପଣଙ୍କର ଏହି ଇହଧାମରୁ ବାହୁଡ଼ି ଯିବାର ବେଳ ଅତି ନିକଟତର ସେତେବେଳେ ଆପଣ ଜମାଅତକୁ ସମ୍ବୋଧନ କରି କହିଲେ; ଅଲ୍ଲାଃତାଲା ନିଜ ପ୍ରକୃତିର ଦୁଇ ପ୍ରକାର ନିଦର୍ଶନ ପ୍ରଦର୍ଶିତ କରିଥାନ୍ତି । ପ୍ରଥମତଃ ସ୍ୱୟଂ ଅବତାରମାନଙ୍କ ହସ୍ତରେ ନିଜ ଚମ୍‌କାର ଦେଖାଇଥାନ୍ତି । ଦ୍ୱିତୀୟତଃ ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଅର୍ଥାତ ଅବତାରଙ୍କର ନିଧନ ପରେ ଯେତେବେଳେ ତାଙ୍କ ଅନୁଗାମୀମାନେ ଏକ ମହାବିପତ୍ତିର ସମ୍ମୁଖୀନ ହୋଇଥାନ୍ତି ତଥା ଶତ୍ରୁ ବଳଶାଳୀ ହୋଇ ଉଠିଥାଏ ଓ ଚିନ୍ତା କରିଥାଏ ଯେ, ଏବେ ଏହି ଜମାଅତ ଛାରଖାର ହୋଇଯିବ ଏବଂ ଜମାଅତର ଲୋକମାନେ ମଧ୍ୟ ବିଚଳିତ ହୋଇ ପଡ଼ନ୍ତି, ସେମାନଙ୍କ ଅଣ୍ଟା ଭାଙ୍ଗି ଯାଇଥାଏ । ଅନେକ ହତଭାଗା ବିପଥଗାମୀ ପାଲଟି ଯାଇଥାନ୍ତି ସେତେବେଳେ ଅଲ୍ଲାଃତାଲା ପୁନର୍ବାର ନିଜ ପରାକ୍ରମତା ପ୍ରଦର୍ଶିତ କରି ଟଳି ପଡୁଥିବା ଜମାଅତକୁ ସମ୍ଭାଳି ନେଇଥାନ୍ତି । ଅତଃ ଯେଉଁମାନେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ରକ୍ଷା କରିଥାନ୍ତି ସେହିମାନେ ହିଁ ପ୍ରଭୁଙ୍କ ପରାକ୍ରମର ଚମ୍‌କାର ଅବଲୋକନ କରିଥାନ୍ତି । ଯେପରିକି ହଜରତ ଅବୁବକର** [ର.ଅ]**ଙ୍କ କାଳରେ ଘଟିଲା ଅର୍ଥାତ ମୁହମ୍ମଦ** [ସ.ଅ]**ଙ୍କ ନିଧନକୁ ଅକାଳ ବିୟୋଗ ମନେକରାଗଲା ଏବଂ ଅନେକ ମଫସଲି ଲୋକ ବିପଥଗାମୀ ଓ ବିଧର୍ମୀ ପାଲଟିଗଲେ, ସାହାବାମାନେ ମଧ୍ୟ ଦାରୁଣ ଦୁଃଖରେ ପାଗଳଙ୍କ ପରି ହୋଇ ଯାଇଥିଲେ । ସେତେବେଳେ ଅଲ୍ଲାଃତାଲା ହଜରତ ଅବୁବକର** [ର.ଅ]**ଙ୍କୁ ଛିଡ଼ା କରି ପୁନର୍ବାର ନିଜ ଚମ୍‌କାର ପ୍ରଦର୍ଶନ କଲେ ଏବଂ ଇସଲାମକୁ ଧ୍ୱଂସ ମୁହାଁଣରୁ ଟାଣି (ଉଦ୍ଧାର କରି) ଆଣିଲେ ତଥା ନିଜ ପ୍ରତିଶ୍ରୁତି ପୂରଣ କଲେ ଯେପରିକି କହିଥିଲେ,** ୱ୍‌ଲା ୟୁମକ୍କିନ୍ନା ଲହୁମ୍ ଦୀନହୁମୁଲ୍ ଲଜିର୍ ତଜାଲହୁମ୍ ୱ୍‌ଲାୟୁବଦ୍‌ଦିଲନ୍ନହୁମ୍ ମିମ୍‌ବାଦୀ ଖୌଫିହିମ୍ ଅମ୍‌ନା **ଅର୍ଥାତ ଭୟପ୍ରଦ ଅବସ୍ଥା ପରେ ପୁନଶ୍ଚ ଆମ୍ଭେ ତାଙ୍କ ପାଦ ସୁଦୃଢ଼ କରିଦେବୁ ।**

ଏହିପରି ହଜରତ ଇଶା [ଅ.ସ]ଙ୍କ କାଳରେ ମଧ୍ୟ ଘଟିଥିଲା । ଯେତେବେଳେ ସେ ବନୀ ଇସ୍ରାଇଲ୍‌ଙ୍କୁ ମିଶର ଓ କନଆନ୍ ମାର୍ଗରେ ନେଇ ସେମାନଙ୍କ ଲକ୍ଷ ସ୍ଥଳରେ ପହଂଚାଇବାର ପ୍ରତିଶ୍ରୁତି ରହିଥିଲା ସେତେବେଳେ ତାଙ୍କର ତିରୋଧାନ ହେଲା । ବସ୍ତୁତଃ ବନୀ ଇସ୍ରାଇଲ୍‌ଙ୍କ ମଧ୍ୟରେ ଏକ ବିରାଟ ଶୋକାକୂଳ ପରିସ୍ଥିତି ଖେଳିଗଲା ଏବଂ ସେମାନେ ଦୀର୍ଘ ଚାଳିଷ ଦିନ ପର୍ଯ୍ୟନ୍ତ ବିଳାପ କରିଥିଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ତୁମମାନଙ୍କ ସକାଶେ ଦ୍ୱିତୀୟ ଚମ୍‌କାର ଦେଖିବା ମଧ୍ୟ ଜରୁରୀ ଏବଂ ତାହାର ଆସିବା ତୁମମାନଙ୍କ ପକ୍ଷେ ଶ୍ରେୟସ୍କର । କାରଣ ତାହା ସଦାସର୍ବଦା ପାଇଁ ଉଦ୍ଦିଷ୍ଟ, ଯାହାର ପର୍ଯ୍ୟାୟକ୍ରମ କଦାପି ମଧ୍ୟରୁ ଭଙ୍ଗ ହେବ ନାହିଁ । ତେବେ ସେହି ଦ୍ୱିତୀୟ ନିଦର୍ଶନ ସେପର୍ଯ୍ୟନ୍ତ ଆସିବ ନାହିଁ ଯେପର୍ଯ୍ୟନ୍ତ ମୁଁ ଚାଲିଯାଇ ନାହିଁ । ଆଉ ଯେତେବେଳେ ମୁଁ ଚାଲିଯିବି ପ୍ରଭୁ ତାହାକୁ ତୁମମାନଙ୍କ ସକାଶେ ପ୍ରେରଣ କରିଦେବେ ଯାହାକି ଚିରକାଳ ତୁମ ସାଥିରେ ରହିବ । ଯେପରିକି ପୁସ୍ତକ **ବରାହିନେ ଅହେମଦିୟା**ରେ ପ୍ରଭୁଙ୍କର ପ୍ରତିଶ୍ରୁତି ରହିଛି ।

ସୁତରାଂ ଯେତେବେଳେ ହଜରତ ମସିହ ମଉଦ ଅ.ସ ଙ୍କର ତିରୋଧାନ ହେଲା ସେତେବେଳେ ଅଲ୍ଲାଃତାଲା ନିଜ ଅଙ୍ଗୀକାର ମୁତାବକ ହଜରତ ମୌଲାନା ନୁରୁଦ୍ଦିନ୍ ସାହେବ ର.ଅ ଙ୍କ ହସ୍ତରେ ଜମାଅତକୁ ଏକତ୍ରିତ କରିଦେଲେ । କେତେକ ଲୋକ ଚାହୁଁଥିଲେ ଯେ ସଦର ଅଞ୍ଜୁମନ ହାତରେ ସମସ୍ତ ବ୍ୟବସ୍ଥା ଦାୟିତ୍ୱ ରହୁ କିନ୍ତୁ ପରାକ୍ରମୀ ପରମେଶ୍ୱର ସୁଦୃଢ଼ ଶକ୍ତ ଶୀଳା ସଦୃଶ ହସ୍ତରେ ଉକ୍ତ ବିଦ୍ରୋହକୁ ଦମନ କଲେ । ତାଙ୍କ ଅନ୍ତେ ଦ୍ୱିତୀୟ ଖଲିଫା ଆସୀନ ହେଲେ ସେତେବେଳେ ମଧ୍ୟ କପଟବିଶ୍ୱାସୀମାନେ ଜମାଅତରେ ମତଭେଦ ସୃଷ୍ଟି କରିବାକୁ ପୂର୍ଣ୍ଣ ପ୍ରଚେଷ୍ଟା କରିଥିଲେ । କିନ୍ତୁ ଅଲ୍ଲାଃତାଲା ବିଶ୍ୱାସକାରୀ ଜମାଅତକୁ ଗୋଟିଏ ହସ୍ତରେ ଏକତ୍ରିତ କରିଦେଲେ ଏବଂ ବିରୋଧୀମାନେ ଅସଫଳ ଓ ଅକୃତକାର୍ଯ୍ୟ ହେଲେ । ଆପଣ ର.ଅ ଙ୍କ ବିୟୋଗ ପରେ ତୃତୀୟ ଖଲିଫାଙ୍କ କାଳ ଆରମ୍ଭ ହେଲା ଏବଂ ସେଥିଅନ୍ତେ ଚତୁର୍ଥ ଖଲିଫା ଖିଲାଫତ୍‌ର ଆସନରେ ବିରାଜିତ ହେଲେ ।

ତତ୍ ପଶ୍ଚାତ ପ୍ରିୟ ହଜୁର ଅନଓ୍ୱର ଅ.ବ ଅତି ନମ୍ର ଓ ଶାଳୀନତା ଭାବ ପ୍ରକାଶ କରି କହିଲେ; ଅଲ୍ଲାଃତାଲା ମୋତେ ଏହି ଆସନରେ ଆସ୍ୱିନ କରି ହଜରତ ମସିହ ମଉଦ ଅ.ସ ଙ୍କ ସହିତ କରିଥିବା ପ୍ରତିଶୃତି ମୁତାବକ ଜମାଅତକୁ ଉନ୍ନତି ପଥରେ ଅଗ୍ରସର କରି ଚାଲିଲେ । **ଯଦିଚ ଶତ୍ରୁ ବିଭ୍ରାଟ ସୃଷ୍ଟି କରିବାକୁ ଆପ୍ରାଣ ଉଦ୍ୟମ କରିଚାଲିଛି, ଅହେମଦୀମାନଙ୍କୁ ଶହିଦ୍ କରାଯାଉଛି, ସାଂସାରିକ ପ୍ରଲୋଭନ ଦିଆଯାଉଛି କିନ୍ତୁ ଅଲ୍ଲାଃତାଲା ବିଶ୍ୱବ୍ୟାପୀ ଅହେମଦୀମାନଙ୍କ ବିଶ୍ୱାସ ଓ ଆସ୍ଥାରେ ଅଭିବୃଦ୍ଧି ହିଁ ଘଟାଇ ଚାଲିଛନ୍ତି ।**

ଖିଲାଫତ୍ ସହିତ ଅହେମଦୀମାନଙ୍କର ଯେଉଁ ଅତୁଟ ସମ୍ପର୍କ ରହିଛି ତାହା କେବଳ ଐଶ୍ୱର୍ଯ୍ୟମୟ ପ୍ରଭୁ ହିଁ ଉତ୍ପନ୍ନ କରୁଛନ୍ତି । କୌଣସି ମନୁଷ୍ୟ ଠାରେ ଏହି ସାମର୍ଥ୍ୟ ନାହିଁ ଯେ ସେ ଏପରି ପ୍ରେମ, ନିଷ୍ଠା ଓ ଅନୁରାଗପୂର୍ଣ୍ଣ ସମ୍ପର୍କ ଉତ୍ପନ୍ନ କରିପାରିବ ଯାହାକି ସଦସ୍ୟବୃନ୍ଦଙ୍କର ଖିଲାଫତ୍ ସହିତ ଏବଂ ଖଲିଫାଙ୍କର ସଦସ୍ୟବୃନ୍ଦଙ୍କ ସହିତ ରହିଛି । ମୁଁ ଯେଉଁ ଦେଶକୁ ମଧ୍ୟ (ଗସ୍ତ)ରେ ଯାଇଥାଏ, ସେଠାରେ ଏହି ଦୃଶ୍ୟ ଅବଲୋକନ କରିଥାଏ ଏବଂ ଏହା କେବଳ ତଥାକଥିତ ପ୍ରସଙ୍ଗ ନୁହେଁ ବରଂ ଆଜିକାଲି ତ କ୍ୟାମେରାର ଚକ୍ଷୁ ଏସବୁ ଦୃଶ୍ୟକୁ ସଂରକ୍ଷିତ କରିନେଉଛି । ଆଉ ଆମ ଏମ.ଟି.ଏ ବିଭାଗ ଏସବୁର ପ୍ରସାରଣ (ମଝିରେ ମଝିରେ) ଦେଖାଇଥାନ୍ତି । **ଏସବୁ ଦେଖି ବିରୋଧୀମାନେ ମଧ୍ୟ ଏହା କହିବାକୁ ବାଧ ହୋଇଥାନ୍ତି ଯେ, ଅଲ୍ଲାଃତାଲାଙ୍କର ସାହାଯ୍ୟ ସହଯୋଗ ତୁମ ସାଥିରେ ଅଛି ।** ପୁନଶ୍ଚ ସଦସ୍ୟବୃନ୍ଦଙ୍କ ନିକଟରୁ ସହସ୍ର ସଂଖ୍ୟାରେ ପତ୍ର ମଧ୍ୟ ମୋତେ ହସ୍ତଗତ ହୋଇଥାଏ ଯାହାକି ସେମାନଙ୍କ ନିଷ୍ଠା ଓ ବିଶ୍ୱସ୍ତତାର ପ୍ରତ୍ୟକ୍ଷ ପରିପ୍ରକାଶ ଅଟେ । ଦେଖ କିପରି ଅଲ୍ଲାଃତାଲା ସ୍ୱୟଂ ଲୋକମାନଙ୍କୁ ଖିଲାଫତ୍ ସହିତ ଯୋଡ଼ି ଚାଲିଛନ୍ତି, କିପରି ସେମାନଙ୍କ ହୃଦୟରେ ଖିଲାଫତ୍ ପ୍ରତି ପ୍ରେମ ଓ ଅନୁରାଗ ଉତ୍ପନ୍ନ କରି ଚାଲିଛନ୍ତି । ଏଠାରେ ସେହିପରି କିଛି ପତ୍ର ନମୁନା ସ୍ୱରୂପ ଆଲୋଚନା କରି ଦେଉଛି ।

ତାଞ୍ଜାନିଆର ଜଣେ ମୌଲ୍ଲିମ୍ ସାହେବ ଲେଖିଛନ୍ତି, ଦିନେ ନମାଜ ଫଜର୍ ପରେ ମୁଁ ମସଜିଦ୍‌ର ପାହାଚରେ ଜଣେ ମହିଳାଙ୍କୁ ବସିଥିବାର ଦେଖିଲି । ଏପରି ବସି ଥିବାର କାରଣ ପଚାରିବାରୁ ସେ କହିଲେ, ମୁଁ ଦୁଆ କରେଇବା ପାଇଁ ଆସିଛି । ଯେପରିକି ଅଣଅହେମଦୀଙ୍କ ମଧ୍ୟରେ ଦରୁଦ୍‌ର ଦମ୍ କରେଇବାର ପ୍ରଥା ପ୍ରଚଳିତ ରହିଛି । ତେବେ ସେ ଯାହା ହେଉ ଆମେ ତାଙ୍କୁ ଜମାଅତର ଶିକ୍ଷା ପ୍ରସଙ୍ଗରେ ଅବଗତ କରାଇଲୁ ଏବଂ ତାଙ୍କ ପାଇଁ ଦୁଆ ମଧ୍ୟ କରାଇଲୁ । ଉକ୍ତ ମହିଳା ଜଣକ କହିଲେ, ମୁଁ ଅନେକ ଥର ସ୍ୱପ୍ନରେ ଜଣେ ଲମ୍ବା ଦାଢ଼ୀ ଥିବା ସାଧୁବାବାଙ୍କୁ ଦେଖୁଛି ଯେ ମୋତେ ଧାର୍ମିକ ଶିକ୍ଷା ଦେଉଛନ୍ତି । ଅତଃ ତାଙ୍କୁ ହଜରତ ମସିହ ମଉଦ ଅ.ସ ଓ ଖଲିଫାମାନଙ୍କ ଫଟ ଦେଖାଗଲା । ସେ ହଜରତ ମସିହ ମଉଦ ଅ.ସ ଙ୍କ ଫଟ ଦେଖି କହିଲେ, ସ୍ୱପ୍ନରେ ମୁଁ ଏହି ସାଧୁବାବାଙ୍କୁ ହିଁ ଦେଖୁଛି ।

ଇଣ୍ଡୋନେସିଆର ଜଣେ ନିବାସୀ ଶ୍ରୀମାନ ଅବଦୁଲ୍ଲାଃ ସାହେବଙ୍କର ଜମାଅତ ସହିତ ସମ୍ପର୍କ ଥିଲା ଏବଂ ସେ ଆମ ମିଶନାରୀଙ୍କ ନିକଟତର ହେବାରୁ ବିରୋଧୀମାନେ ତାଙ୍କ ଉପରେ ଆପତ୍ତି କଲେ ଏବଂ ନିଜ ମସଜିଦ୍‌କୁ ଆସିବାକୁ ମନା କରିଦେଲେ । ସେ ସ୍ୱପ୍ନରେ ଦେଖିଲେ ଯେ, ସେ ଏକ ଭଉଁର ମଧ୍ୟରେ ଫସି ଯାଇଛନ୍ତି । ଯାହାକି ଖୁବ୍

ଶୀଘ୍ର ତାଙ୍କୁ ନାଶ କରିଦେବ । ସେଥିଅନ୍ତେ ସେ ହଜରତ ମସିହ ମଉଦ ଅ.ସଙ୍କ ଫଟ ଦେଖି କହିଲେ, ଏହି ମହାତ୍ମା ହିଁ ମୋତେ ସେହି ମରଣ ଯନ୍ତ୍ରାରୁ ରକ୍ଷା କରିଥିଲେ । ତାଙ୍କ ପୁତ୍ର ମଧ୍ୟ ତୃତୀୟ, ଚତୁର୍ଥ ଖଲିଫାଙ୍କ ସହିତ ମୋତେ ସ୍ୱପ୍ନରେ ଦେଖିଥିଲେ । ଯାହାର ପରବର୍ତ୍ତୀ ସମୟରେ ଖଲିଫାମାନଙ୍କ ଫଟ ଦେଖି ସେ ପୁଷ୍ଟି କରିଥିଲେ ଓ କହିଲେ ଯେ, ଏହି ସାଧୁ ପୁରୁଷମାନେ ହିଁ ମୋତେ ଉଦ୍ଧାର କରିଛନ୍ତି । ବସ୍ତୁତଃ ଅବଦୁଲ୍ଲାଃ ସାହେବ ନିଜ ପରିବାର ସମେତ ବୈଅତ କରି ଜମାଅତରେ ସାମିଲ ହୋଇ ଯାଇଛନ୍ତି ।

ପ୍ରିୟ ହଜୁର ଅନଓ୍ୱର ଅ.ବ କହିଲେ, ମାଲି ଦେଶର ଜୈନକ ମହିଳା ଅହେମଦୀ ହେବା ପୂର୍ବରୁ ସ୍ୱପ୍ନରେ ଦୁଇଟି ସ୍ୱର ଶୁଣିଲେ । ଗୋଟିଏ ପବିତ୍ର କୁରଆନର ଆବୃତ୍ତି କରିବା ଓ ଅନ୍ୟଟି ସେଠାକାର ମୌଲ୍ଲିମ୍ ସାହେବଙ୍କର । ଜମାଅତୀୟ ରେଡ଼ିଓରେ ମୋର ଖୁତବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଶୁଣିବା ପରେ ସେ ମତବ୍ୟକ୍ତ କଲେ ଯେ, ମୁଁ ଏହି ସ୍ୱର (ସ୍ୱପ୍ନରେ)ହିଁ ଶୁଣିଥିଲି । ସେଥିଅନ୍ତେ ସେ ବୈଅତ୍ କରିନେଲେ ।

କେମରୁନ୍‌ର ଜଣେ ଯୁବକ କହିଲେ, କିଛି ବର୍ଷ ତଳେ ମୁଁ ଦୁଇଜଣ ସନ୍ଥଙ୍କୁ ସ୍ୱପ୍ନରେ ଦେଖିଲି । ସେହି ଘଟଣାର କିଛିଦିନ ପରେ ମୁଁ ଜଣେ ଯୁବକଙ୍କୁ ଜମାଅତର ପତ୍ରିକା ବଣ୍ଟନ କରୁଥିବାର ଦେଖିଲି । ସେହି ପତ୍ରିକାରେ ହଜରତ ମସିହ ମଉଦ ଅ.ସଙ୍କ ଫଟଚିତ୍ର ରହିଥିଲା ଯାହାଙ୍କୁ ମୁଁ ସ୍ୱପ୍ନରେ ଦେଖିଥିଲି । ତତ୍ ପଶ୍ଚାତ ଜମାଅତ ସହିତ ଯୋଗାଯୋଗ କଲି, ଜମାଅତୀୟ ପତ୍ରିକା ଅଧ୍ୟୟନ କଲି ଏବଂ ଉପସ୍ଥିତ ଖଲିଫାଙ୍କ ଫଟ ଦେଖିଲି ଯେ ମୋତେ ସ୍ୱପ୍ନରେ ନମାଜ ପାଠ କରିବା ପ୍ରତି ଧ୍ୟାନ ଆକର୍ଷିତ କରିଥିଲେ । ମୋର ଦୀକ୍ଷା ନେବା ପରେ ଆମ ଅଂଚଳର ପ୍ରଧାନଙ୍କର କାଳ ହେଲା । ତାଙ୍କ ଅନ୍ତେ ମୋତେ (ଅଂଚଳର) ପ୍ରଧାନ ଘୋଷିତ କରାଗଲା । ସେ କୁହନ୍ତି, ମୁଁ ମନେକରୁଛି ଏସମସ୍ତ କଲ୍ୟାଣ ଅହେମଦୀୟତ୍‌ରେ ସାମିଲ ହେବା ଯୋଗୁଁ ମୋତେ ଲାଭ ହୋଇଛି ।

ଗିନୀବସାଓର ଜଣେ ମହିଳା ଶ୍ରୀମତି ଆଏଶା ମାରିୟା ସାହେବାଃଙ୍କର ଦୁଇଜଣ ପୁତ୍ର ଅହେମଦୀୟତ୍‌ରେ ସାମିଲ ହୋଇଗଲେ । ତାଙ୍କର ବଡ଼ ଭାଇ ଜମାଅତର ବିରୋଧୀ ଅଟନ୍ତି ଏବଂ ସେ ହିଁ ତାଙ୍କ ପରିବାରର ତତ୍ତ୍ୱାବଧାରକ ଥିଲେ । ଅତଏବ ସେ ଚେତାବନୀ ଦେଲେ ଯେ, ଯଦି ତୁମେ ଜମାଅତକୁ ନଛାଡ଼ ତେବେ ମୋର ତୁମମାନଙ୍କ ସହିତ କୌଣସି ସମ୍ପର୍କ ରହିବ ନାହିଁ । **ତାଙ୍କ ପୁତ୍ରମାନେ ଉତର ଦେଲେ ଆମମାନଙ୍କ ପାଇଁ ଆମ ସୃଷ୍ଟିକର୍ତ୍ତା ହିଁ ଯଥେଷ୍ଟ । ଆମେ ଅହେମଦୀୟତ୍ ଛାଡ଼ିବୁ ନାହିଁ । ଦୁଇଦିନ ପରେ ଶ୍ୱେତ ବସ୍ତ୍ର ପରିଧାନ କରିଥିବା ଜଣେ ଧବଳ ଦାଢ଼ୀ ରଖିଥିବା ମହାତ୍ମା ସ୍ୱାନ୍ତନା ଦେଲେ କି ଚିନ୍ତା କର ନାହିଁ, ତୁମ ପୁତ୍ରମାନେ ସର୍ବାଗ୍ରେ ରହିବେ ।** ସକାଳ ହେବା ମାତ୍ରେ ମିଶନାରୀଙ୍କ ନିକଟକୁ ଗଲି ଏବଂ ସେଠାରେ ମୋର (ଉପସ୍ଥିତ ଖଲିଫାଙ୍କ) ଫଟ ଦେଖି ସେ କହିଲେ, ରାତିରେ ଏହି ସନ୍ଥଙ୍କୁ ସ୍ୱପ୍ନରେ ଦେଖିଥିଲି । ଏବେ ବୈଅତ କରିବା ପରେ ସେ ଜମାଅତର ଅତ୍ୟନ୍ତ କର୍ମଠ ମହିଳାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଛନ୍ତି ।

କେନିୟାର ଏକ ଅଂଚଳ ଭାଟିରେ ଖ୍ରୀଷ୍ଟଧର୍ମୀଙ୍କର ସଂଖ୍ୟା ଗରିଷ୍ଠତା ରହିଛି । ଏକଦା ଜମାଅତର ଜଣେ ବିରୋଧୀ ମୁହମ୍ମଦ ଅବ୍‌ଦୀ ନାମକ ବ୍ୟକ୍ତି ଆମ ସେଣ୍ଟରକୁ ନମାଜ ପାଠ କରିବାକୁ ଆସିଲେ । ତାଙ୍କୁ ଜମାଅତ ସମ୍ପର୍କରେ ସୂଚନା ପ୍ରଦାନ କରାଗଲା । ସେହି ଘଟଣାର କିଛିଦିନ ପରେ ସେ ମୌଲ୍ଲିମ୍ ସାହେବଙ୍କ ବାସ ଭବନକୁ ଆସିଲେ ଯେଉଁସ୍ଥଳେ ଏମ.ଟି.ଏରେ ମୋର ଖୁତବା ପ୍ରସାରଣ ହେଉଥିଲା । ଖୁତବା ଶେଷ ହେବା ପରେ ସେ ବୈଅତ କରିବାର ଇଚ୍ଛା ବ୍ୟକ୍ତ କଲେ । କାରଣ ପଚାରିବାରୁ ସେ କହିଲେ, ଗତ ରାତିରେ ହଠାତ୍ ମୋ ନିଦ ଭାଙ୍ଗି ଯିବାରୁ ମୁଁ ପଦାକୁ ବାହାରି ଆସିଲି, କ'ଣ ଦେଖେ କି ସମ୍ପୂର୍ଣ୍ଣ ଆକାଶ ଉଜ୍ଜ୍ୱଳମୟ ହୋଇଯାଇଛି । ଏହି ଘଟଣା ମୋ ଉପରେ ଗଭୀର ପ୍ରଭାବ ପକାଇଲା । ବର୍ତ୍ତମାନ ଏହି ଖୁତବା ଦେଖି ମୋର ରାତି ଘଟଣାଟି ସମ୍ପୂର୍ଣ୍ଣ ହୋଇଗଲା । ବସ୍ତୁତଃ ସେ ସପରିବାର ବୈଅତ କରି ଜମାଅତରେ ସାମିଲ ହୋଇଗଲେ ।

ସେରେଲିଓନ୍‌ରୁ ଇବ୍ରାହିମ୍ ସାହେବ ନାମକ ଜଣେ ବ୍ୟକ୍ତି ଏମ.ଟି.ଏରେ ମୋର ଖୁତବା ଶୁଣିଲେ ଏବଂ ସର୍ବସାଧାରଣଙ୍କ ସମ୍ମୁଖରେ ଘୋଷଣା କଲେ ଯେ, ମୌଲବୀମାନଙ୍କ କଥନ ମିଥ୍ୟା ଅଟେ । ମୁଁ ସ୍ୱୟଂ ଇମାମ

ଜମାଅତ ଅହେମଦୀୟାଙ୍କୁ ନିଜ ଖୁତବାରେ ପବିତ୍ର କୁରଆନ୍ ଓ ଆହାଦିସ୍‌ର ପ୍ରମାଣ ଦେଉଥିବାର ଶୁଣିଛି । ସେମାନଙ୍କ କଲ୍‌ମା ମଧ୍ୟ ଆମରି କଲମା ଅଟେ । ତେଣୁ ଜମାଅତ ଅହେମଦୀୟା ମିଥ୍ୟାବାଦୀ ନୁହେଁ । ତା'ପରେ ସେ ବୈଅତ କରି ଜମାଅତରେ ସାମିଲ ହୋଇଗଲେ ।

କଙ୍ଗୋକିନଶାସାର ଜଣେ ବ୍ୟକ୍ତି ନିଜ ଆଠଜଣ ପରିବାରବର୍ଗଙ୍କ ସମେତ ବୈଅତ କରି ଜମାଅତରେ ସାମିଲ ହେଲେ ଏବଂ ଏବେ ସେ ପ୍ରଚାର ଅଭିଯାନରେ ଯୋଗ ଦେଇ ୬୨ଜଣ ବ୍ୟକ୍ତିଙ୍କୁ ଅହେମଦୀୟତ୍‌ରେ ସାମିଲ କରିଦେଲେଣି । ଉପସ୍ଥିତ ଖଲିଫା ଓ ଖିଲାଫତ୍ ବ୍ୟବସ୍ଥା ତାଙ୍କ ଅହେମଦୀ ହେବାର ମୂଖ୍ୟ କାରଣ ସାଜି ଥିଲା । ସେଥିଅନ୍ତେ ତାଙ୍କ ପ୍ରଚାର କାର୍ଯ୍ୟ ଯୋଗୁଁ (ସେଠାରେ) ଜମାଅତର ସଂଖ୍ୟାରେ ବେଶ୍ ଅଭିବୃଦ୍ଧି ଘଟିଛି ।

କଙ୍ଗୋକିନଶାସାର ଅମୀର ସାହେବ ଲେଖିଛନ୍ତି, କଙ୍ଗୋରେ ଜମାଅତୀୟ ରେଡ଼ିଓ ଷ୍ଟେଶନ୍ ବ୍ୟତୀତ ୨୩ଟି ଅନ୍ୟ ରେଡ଼ିଓ ଷ୍ଟେଶନ୍‌ରେ ପ୍ରଚାର ଓ ପ୍ରଶିକ୍ଷଣ ମୂଳକ କାର୍ଯ୍ୟକ୍ରମ ତଥା ଖୁତବା ଜୁମାର ପ୍ରସାରଣ କରାଯାଉଛି । ସେଠାକାର ଜଣେ ସ୍ଥାନୀୟ ଡ଼ାକ୍ତର ସାହେବ କହିଲେ; **ମୁଁ ନିୟମିତ ରୂପେ ହଜୁର ଅ.ବଙ୍କର ଖୁତବା ଶୁଣୁଅଛି । ମୋର ଆପଣଙ୍କୁ ନିବେଦନ କି ଆଂଚଳିକ ଭାଷାରେ ମଧ୍ୟ ଖୁତବାର ଅନୁବାଦ କରନ୍ତୁ । ଯଦ୍ୱାରା ଅଧିକରୁ ଅଧିକ ଲୋକ ହଜୁର ଅନଓ୍ୱର ଅ.ବଙ୍କ ଖୁତବାରୁ ଉପକୃତ ହୋଇପାରିବେ । ଅଲ୍ଲାଃତାଲା ଏପରି ଇସଲାମ ଓ ଅହେମଦିୟତ୍‌ର ବାର୍ତ୍ତା ପହଂଚାଇବାର ଅସୁମାରି ବ୍ୟବସ୍ଥା କରୁଛନ୍ତି ।**

ହଜୁର ଅନଓ୍ୱର ଅ.ବ ଟରନିଡ଼ାଡ଼, ଗେଜିସ୍ତାନ, ପାରାଗୁଏ ଓ ବଙ୍ଗଳା ଦେଶର ମଧ୍ୟ କିଛି ଘଟଣାବଳୀ ବର୍ଣ୍ଣନା କରି କହିଲେ; ସମୟ ଆସିବ ଯେତେବେଳେ ଲୋକମାନଙ୍କ ହୃଦୟ ଉନ୍ମୁକ୍ତ ହେବ ଏବଂ ସେମାନେ ଅହେମଦୀ ସମ୍ପ୍ରଦାୟକୁ ଚିହ୍ନି ଯିବେ । ଏପରି ଖିଲାଫତ୍‌ର ବରକତ୍ ଅବ୍ୟାହତ ରହିଥିବ ।

ଏସବୁ ଘଟଣାବଳୀ ଖିଲାଫତେ୍ ଅହେମଦୀୟତ୍ ପାଇଁ ଅଲ୍ଲାଃତାଲାଙ୍କର ସାହାଯ୍ୟ ସମର୍ଥନ ଏବଂ ହଜରତ ମସିହ ମଉଦ ଅ.ସଙ୍କର ହଜରତ ମୁହମ୍ମଦଦ ସ.ଅଙ୍କ ଦାସତ୍ୱରେ ସମଗ୍ର ସଂସାରବାସୀଙ୍କୁ ଗୋଟିଏ ଦଳ (ବସୁଧୈବ କୁଟୁମ୍ବକମ୍) ତାହାର ସତ୍ୟତା ପ୍ରମାଣିତ କରୁଅଛି । ଏଭଳି ସଂକଟାପର୍ଣ୍ଣ ପରିସ୍ଥିତି ସତ୍ତ୍ୱେ କେବଳ ଖିଲାଫତେ୍ ଅହେମଦୀୟା ହିଁ ବିଶ୍ୱରେ ଇସଲାମ ଧର୍ମର ଉନ୍ନତି ପଥରେ ଅଗ୍ରସର ଓ ପ୍ରଚାର କାର୍ଯ୍ୟ ସମ୍ପାଦନ କରୁଅଛି । ଏହା ଅଲ୍ଲାଃତାଲାଙ୍କର ଆମମାନଙ୍କ ସହିତ ପ୍ରତ୍ୟକ୍ଷ ସାହାଯ୍ୟ ସହଯୋଗର ପ୍ରମାଣ ନୁହେଁ ତ ଆଉ କ'ଣ ?

ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଓ ହଜରତ ମୁହମ୍ମଦଦ ସ.ଅଙ୍କ ଭବିଷ୍ୟତ ବାଣୀ ମୁତାବକ ଅବତାରଙ୍କ ମାର୍ଗରେ ଖିଲାଫତ୍ ବ୍ୟବସ୍ଥା ପ୍ରଚଳିତ ହେବା, ଚିରକାଳ ଅବ୍ୟାହତ ରହିବା ଏବଂ କୌଣସି ଶତ୍ରୁ ଏହାର ସାମାନ୍ୟତମ ଅନିଷ୍ଟ କରି ନପାରିବା, ଏହାର ଜ୍ୱଳନ୍ତ ପ୍ରମାଣ । ସୁତରାଂ ନିଜ ବିଶ୍ୱାସକୁ ତେଜିଆନ କର, ନିଜକୁ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରଖ ଓ ଏଥିସକାଶେ କୌଣସି ପ୍ରକାର ବଳିଦାନ ଦେବା ପାଇଁ ପଛଘୁଂଚା ଦିଅ ନାହିଁ । ଅଲ୍ଲାଃତାଲା ଆପଣମାନଙ୍କୁ ଏଥି ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

26th May 2023